## ଆଜି କ'ଣ କେଉଁଠି

- ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ସ୍ଥାନ-ପଣ୍ଡା କଲୋନୀ, ଇଞ୍ଜିନିୟରିଂ ସ୍କୁଲ ଛକ। ସମୟ-୧୦ଟା ୩୦।
- ସ୍ୱାସ୍ଥ୍ୟ ଶିବିର ସ୍ଥାନ-ରଘୁନାଥ ମନ୍ଦିର ସମୟ-ମଧ୍ୟାହ୍ନ ୧୨ଟା
- ଥାଇରଏଡ ସିମ୍ପୋଜିୟମ୍ ଉଦ୍‌ଘାଟନ। ସ୍ଥାନ-ଆଇଏମ୍ଏ ହଲ, ସମୟ-ପୂର୍ବାହ୍ନ ୯ଟା
- ରୋଟାରୀ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ-ପ୍ରେମନଗର ମୁଖ୍ୟ ରାସ୍ତା ସମୟ-ସକାଳ ୮ଟା

## ସଂକ୍ଷେପରେ

### ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୭।୮- ସରକାରୀ ରେଳବାଇ ପୋଲିସ(ଜିଆରପି) ଶନିବାର ସକାଳେ ଗୋଷାଣୀନୂଆଗାଁ ନିକଟ ଓଭରବ୍ରିଜ ତଳଦେଇ ଯାଇଥିବା ରେଳଧାରଣାରୁ ଏକ ମୃତଦେହ ଜବତ କରିଛି। ମୃତ ଯୁବକଙ୍କ ପକେଟରୁ ମିଳିଥିବା ଭୋଟର ପରିଚୟପତ୍ରରୁ ତାଙ୍କର ପରିଚୟ ଜଣାପଡିଛି। ମୃତକ ପାଟପୁର ଥାନା ଅନ୍ତର୍ଗତ ପାଲି ଜଗନ୍ନାଥପୁର ଗ୍ରାମର କେ. ହୀନ ପାତ୍ର(୩୫)। ଖବର ପାଇ ମୃତକଙ୍କ ମା' କେ.ପାର୍ବତୀ ପାତ୍ର ଓ ମାମୁ ଶେରଗଡ ଥାନା ଅନ୍ତର୍ଗତ ସୁବଳିଆପଲିର କେ. ରାମନାଥ ପାତ୍ର ଏମ୍‌କେସିଜି ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ।

ପୋଲିସ ମୃତଦେହ ଜବତ କରିବା ସହ ନଂ.୬୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

### ଛୁରା ମାଡ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୨୭।୮(ଡି.ଏନ.ଏ)- ଆସିକା ଥାନା ଅନ୍ତର୍ଗତ ସାହାସପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ସେହି ଗ୍ରାମର ଶିବରାମ ମୁନିଙ୍କ ଉପରେ ଛୁରା ମାଡ ହୋଇଥିଲା। ଏହି ମାମଲାର ଶନିବାର ପୋଲିସ ଅଭିଯୁକ୍ତ ଅଶୋକ କୁମାର ମୁନିଙ୍କୁ ବଡଗଡ ଥାନା ଅନ୍ତର୍ଗତ ମେରିକୋଟ ଗ୍ରାମରୁ ଗିରଫ କରିଛି। ତାଙ୍କ ନିକଟରୁ ପୋଲିସ ଛୁରିକୁ ଜବତ କରିଛି। ଶିବରାମ ଶୁକ୍ରବାର ଭାଲିଆପଲ୍ଲୀ ଛକସ୍ଥିତ ତାଙ୍କ ଦାଦାଙ୍କ ଘରେ ଥିଲା ବେଳେ ଅଶୋକଙ୍କ ସହ ଅନ୍ୟ ୨ ଅଭିଯୁକ୍ତ ଘଟଣାସ୍ଥଳରେ ପହଞ୍ଚି ଶିବରାମଙ୍କୁ ଗାଳିଗୁଲଜ କରିଥିଲେ।

ଶିବରାମ ଏହାର କାରଣ ପଚାରିବାରୁ ଅଶୋକ ତାଙ୍କ ଉପରେ ଛୁରିରେ ଆକ୍ରମଣ କରିଥିଲେ। ଆହତ ଶିବରାମଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ପରେ ବ୍ରହ୍ମପୁର ବଡମେଡିକାଲକୁ ପଠାଇଯାଇଛି। ଅଦ୍ୟାବଧି ଶିବରାମ ଚିକିତ୍ସାଧିନ ଥିଲା ବେଳେ ଘଟଣା ସମ୍ପର୍କରେ ଶିବରାମଙ୍କ ବାପା ଦିବାକର ମୁନି ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୩୪୧/୨୨ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଗଞ୍ଜାମରେ ହୋଇପାରୁନି ଶିଳ୍ପ ବିକାଶ

- ବିଇସ୍ପାତ ପ୍ରକଳ୍ପରୁ ଓହରିଛି ଟାଟା କମ୍ପାନୀ
- କିଆଫୁଲ ଅତର କାରଖାନା ଦାବି
- ଗୋପାଳପୁର ହେଉ ସବୁଦିନିଆ ବନ୍ଦର

ବ୍ରହ୍ମପୁର ଅଫିସ,୨୭।୮

ଗଞ୍ଜାମରେ ହୋଇପାରୁନି ଶିଳ୍ପ ବିକାଶ। ୧୯୯୫ରେ ଗୋପାଳପୁର ବନ୍ଦର ପାଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ମେଗା ଇସ୍ପାତ କାରଖାନା ପ୍ରତିଷ୍ଠାରୁ ଓହରିଯାଇଛି ଟାଟା କମ୍ପାନୀ। ଛତ୍ରପୁର ବ୍ଲକ ମାଟିଖାଲରେ କେନ୍ଦ୍ର ସରକାରଙ୍କ ଅଧୀନ ଭାରତୀୟ ବିରଳ ମୃତ୍ତିକା(ଆଇଆରଇ)ସଂସ୍ଥା କାର୍ଯ୍ୟକ୍ଷମ ଥିଲେ ମଧ୍ୟ ଏହାର ବିଶେଷ ଅଗ୍ରଗତି ଘଟୁନାହିଁ। ବନ୍ଦର ପାର୍ଶ୍ୱରେ ୧୯୯୬ରେ ମାତ୍ର ଗୋଟିଏ ପୁରୁଣା ଜାହାଜ ଭଙ୍ଗା ଶିଳ୍ପ ଆରମ୍ଭ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ବନ୍ଦ ହୋଇଯାଇଛି। ଜିଲାର ଉପକୂଳରେ ପ୍ରଚୁର ପରିମାଣର କିଆଫୁଲ ଥିବା ସତ୍ତ୍ୱେ ସରକାରୀ ଅତର ତିଆରି କୃଷିଭିତ୍ତିକ ଶିଳ୍ପ କରାଯାଉନାହିଁ। ଆସିକା ସମବାୟ ଚିନି ଶିଳ୍ପ କ୍ରମଶଃ ରୁଗ୍ଣ ହେବାରେ ଲାଗିଛି।

ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ସଂଖ୍ୟାଧିକ ତେଲୁଗୁ ଭୋଟର ଥିବାରୁ ୧୯୯୬ ନିର୍ବାଚନରେ ଏହି ସଂସଦୀୟ ଆସନରୁ ପ୍ରଧାନମନ୍ତ୍ରୀ ଥାଇ ନରସିଂହ ରାଓ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭୋଟ ରାଜନୀତି ପାଇଁ ସେ ବୃହତ୍ ଶିଳ୍ପପତି ରତନ ଟାଟାଙ୍କୁ ପ୍ରଭାବିତ କରି ଗୋପାଳପୁର ବନ୍ଦରଭିତ୍ତିକ ମେଗା ଇସ୍ପାତ କାରଖାନା ସ୍ଥାପନ ଲାଗି ଶୁଭ ଦେଇଥିଲେ। ଶିଳାନ୍ୟାସ ସମାରୋହରେ ରତନ ଟାଟା ଓ ଜେଜେ ଇରାନୀ ମଧ୍ୟ ଉପସ୍ଥିତ ଥିଲେ। ଇସ୍ପାତ କାରଖାନା ନିମନ୍ତେ ଘରୋଇ ଜମି ଅଧିଗ୍ରହଣକୁ ବ୍ୟାପକ କରାଯାଇଥିଲା। ଶାଗମାଛ ଦରରେ ସାଢ଼େ ୩ ହଜାରରୁ ଅଧିକ ଜମି ଅଧିଗ୍ରହଣ କରାଗଲା। ସିନ୍ଧିଗାଁ, ପାତ୍ରପୁର ଓ ମନସୁରକୋଟା ଆଦି ଗ୍ରାମଗୁଡ଼ିକୁ ଅକ୍ତିଆର କରି ମାଟିରେ ମିଶାଇ ଦିଆଯାଇଥିଲା। ସେତେବେଳେ ଆଇଏଏସ୍ ଅଧିକାରୀ ସନ୍ତୋଷ ଶତପଥୀ ଜିଲାପାଳ ଥିଲେ। ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ ଓ ତାଙ୍କ ଇଙ୍ଗିତରେ ପ୍ରଶାସନ ଜମି ଅଧିଗ୍ରହଣ କରିଥିଲା।

ଅଧିଗ୍ରହଣ ଜମିର ବହୁ ଏକର ଏବେ ବି ପଡ଼ିଆ ପଡ଼ିଛି। ଅଳ୍ପ କେତେକ ଜମିରେ ଟାଟା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ କରୁଥିଲେ ମଧ୍ୟ ଦରଖଣ୍ଡିଆ ରହିଛି। ଜିଲାରେ ଇସ୍ପାତ କାରଖାନା ହେବ ଏବଂ ଅନେକଙ୍କୁ କର୍ମ ନିଯୁକ୍ତି ମିଳିବା ସହ ଆର୍ଥିକ ଚିତ୍ର ବଦଳିଯିବାର ଯେଉଁ ସ୍ୱପ୍ନ ଥିଲା ତାହା ମଉଳି ଯାଇଛି। ଜମି ଅଧିଗ୍ରହଣ ବେଳେ ପ୍ରତିବାଦ ଆନ୍ଦୋଳନ ଭୟଙ୍କର ହୋଇଥିଲା। ପରିବେଶବିତ୍‌ଙ୍କ ପକ୍ଷରୁ ମଧ୍ୟ ବିରୋଧ କରାଯାଇଥିଲା। ସେତେବେଳେ ବିରୋଧୀ ଦଳ ନେତା ବିଜୁ ପଟ୍ଟନାୟକ, ସିପିଆଇ ଜାତୀୟ ନେତା ଏବି ବର୍ଦ୍ଧନ, ପରିବେଶବିତ୍ ମେଧା ପାଟକର ଓ ଅନ୍ୟମାନେ ବିରୋଧୀଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ।

କାରଖାନା ହୋଇନାହିଁ ଏବଂ ଜମି ଫେରସ୍ତ କରାଯାଉନାହିଁ। ଇତିମଧ୍ୟରେ ବିସ୍ଥାପିତ ଲୋକେ ବହୁବାର ଆନ୍ଦୋଳନ ଚଳାଇଛନ୍ତି। ଅପରପକ୍ଷେ ଜମି ଅଧିଗ୍ରହଣ ବେଳେ ଅନେକ କିଆ ଚାଷ ନଷ୍ଟ ହୋଇଥିଲା। ଏବେ ବି ରଙ୍ଗେଇଲୁଣ୍ଡା ଓ ଛତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରଚୁର ପରିମାଣର କିଆଫୁଲ ନିୟମିତ ଉତ୍ପାଦିତ ହେଉଛି। ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରୁ ଆସି ପ୍ରବାସୀମାନେ ଛୋଟ ଛୋଟ ଭାଟିରେ କିଆ ଫୁଲ ଅତର ତିଆରି କରୁଛନ୍ତି। ତାହା ଦେଶ ବିଦେଶକୁ ପଠାଉଛନ୍ତି। କିଆଫୁଲର ସଦ୍‌ବ୍ୟବହାର ଲାଗି ସରକାରଙ୍କ ପକ୍ଷରୁ ଉପକୂଳରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦିଆଯାଇଛି। ଏହାସହ ଆସିକା ଚିନି ଶିଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା, ବାହୁଦା ନଦୀ ମୁହାଣ ସୁରଳ ଓ ସୁନାପୁର ନିକଟରେ ନଦୀଭିତ୍ତିକ କ୍ଷୁଦ୍ର ବନ୍ଦର ପ୍ରତିଷ୍ଠା ଏବଂ କ୍ଷୁଦ୍ର ଓ ସାମୟିକ ବନ୍ଦର ଗୋପାଳପୁରକୁ ସବୁଦିନିଆ ବନ୍ଦରରେ ପରିଣତ ପାଇଁ ଉପକୂଳ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସୂଚନାଯୋଗ୍ୟ, ୮୦ ଦଶକର ଦ୍ୱିତୀୟ ଭାଗରେ ରାଜ୍ୟ ସରକାର ୧୪୦ କୋଟି ଟଙ୍କା ବ୍ୟୟରେ ଗୋପାଳପୁର ବନ୍ଦର କରିଥିଲେ। ୯୦ ଦଶକ ଯାଏ ନୌ-ବାଣିଜ୍ୟ କାରବାର ହେଉଥିଲା। ୧୯୯୯ ମହାବାତ୍ୟାରେ ବନ୍ଦର ଧ୍ୱଂସାଭିମୁଖୀ ହୋଇଗଲା। ୨୦୦୬ରେ ବନ୍ଦରକୁ ଘରୋଇକରଣ କରାଯାଇଛି। ଏହାର ୧୬ ବର୍ଷ ପୂରିବାକୁ ଯାଉଥିବା ବେଳେ ସବୁଦିନିଆ ବନ୍ଦର ହୋଇନାହିଁ। ଏହିସବୁ ଘଟଣାରୁ ଜିଲାରେ ଶିଳ୍ପ ବିକାଶ ବାଧାପ୍ରାପ୍ତ ହୋଇଥିବା ସ୍ପଷ୍ଟ ହୋଇଛି।

## ପୂଜା ନାଁରେ ଚାନ୍ଦା ମାଗିଲେ ହେବ କାର୍ଯ୍ୟାନୁଷ୍ଠାନ:ଏସ୍‌ପି

ବ୍ରହ୍ମପୁର ଅଫିସ,୨୭।୮

ଆଗକୁ ବ୍ରହ୍ମପୁର ସହରରେ ଗଣେଶ ପୂଜା ସହ ପାର୍ବଣ ଅନୁଷ୍ଠିତ ହେବ। ଜନସାଧାରଣ ଏହାକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବେ। ଚାନ୍ଦା ମାଗିବା ବେଆଇନ ଅଟେ, ଏଣୁ ପୂଜା ନାଁରେ ଲୋକମାନଙ୍କୁ ଚାନ୍ଦା ନ ମାଗିବାକୁ ସେ ପରାମର୍ଶ ଦେଇଛନ୍ତି। ଯଦି ପୂଜା ନାଁରେ ଯେ କୌଣସି ଲୋକ ଚାନ୍ଦା ମାଗିବେ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ ଏମ୍. କହିଛନ୍ତି। ପୂଜା ସମୟରେ ଯଦି କୌଣସି ସ୍ଥାନରେ ଚାନ୍ଦା ମଗାଯାଉଥିବା ଜଣାପଡେ ତେବେ ପୋଲିସ ପକ୍ଷରୁ ଜାରି ହୋଇଥିବା ଟୋଲଫ୍ରି ନମ୍ବର -୧୧୨ରେ ସୂଚନା ଦେବାକୁ ଏସ୍‌ପି କହିଛନ୍ତି। ତିନିଦିନ ପରେ ବିଦ୍ୟାଦାତା ବିନାୟକଙ୍କ ପୂଜା ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଏହି ଅବସରରେ ସେ ଜନସାଧାରଣଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।

## ବିଏମ୍‌ସି କର୍ମଚାରୀ, କର୍ପୋରେଟରଙ୍କ ମଧ୍ୟରେ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା କର୍ପୋରେଟର ଓ ବିଏମ୍‌ସି କର୍ମଚାରୀ।

ବ୍ରହ୍ମପୁର ଅଫିସ,୨୭।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଏମ୍‌ସି କର୍ମଚାରୀ ଓ କର୍ପୋରେଟରଙ୍କ ମଧ୍ୟରେ ଶନିବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଏମ୍‌ସି ପକ୍ଷରୁ ପୂର୍ବାହ୍ନରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ସ୍ପିଡ ୱାକିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାଟା ଏଣ୍ଟ୍ରି ଅପରେଟର ଅର୍ଚ୍ଚନା ନାୟକ ପ୍ରଥମ, ଜୁନିଅର ସିଇଓ କବିତାରାଣୀ ପାଳ ଦ୍ୱିତୀୟ ଓ ଭାଗ୍ୟଲକ୍ଷ୍ମୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବିଏମ୍‌ସି ପୁରୁଣା ସମ୍ମିଳନୀ କକ୍ଷରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସିଇଓ ସ୍ମିତା ଦାଶ ପ୍ରଥମ, ଅର୍ଚ୍ଚନା ନାୟକ ଦ୍ୱିତୀୟ ଓ ଜୁନିଅର ସିଇଓ ଜୟଶ୍ରୀ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦୌଡି ଡିଆଁ ପ୍ରତିଯୋଗିତାରେ ୩୭ ନଂ ୱାର୍ଡ କର୍ପୋରେଟର ବନିତା ସାହୁ ପ୍ରଥମ, ଜୁନିଅର ସିଇଓ କବିତା ରାଣୀ ପାତ୍ର ଦ୍ୱିତୀୟ ଓ ସୌମ୍ୟା ସବିତା ନାୟକ ତୃତୀୟ ହୋଇଥିଲେ। ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ବିଏମ୍‌ସି କର୍ମଚାରୀ ଭାଗ୍ୟଲକ୍ଷ୍ମୀ ବେହେରା ପ୍ରଥମ, ସୁନୀତା ଦାଶ ଦ୍ୱିତୀୟ ଓ ୨୦ ନଂ. ୱାର୍ଡର ବନୀତା ବେହେରା ତୃତୀୟ ହୋଇଥିଲେ। ଅପରାହ୍ନରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲଠାରେ ମେୟର ଓ ବିଏମ୍‌ସି କର୍ମଚାରୀଙ୍କ ମଧ୍ୟରେ ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ଟିମ୍ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅତିରିକ୍ତ କମିଶନର ନୀଳମାଧବ ଭୋଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀଙ୍କ ସମେତ ବହୁ କର୍ପୋରେଟର ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ନାବାଳିକା ଅପହରଣ ସହ ବଳାତ୍କାର ମାମଲା, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୨୭।୮(ଡି.ଏନ.ଏ.)

ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ମାମାଲାରେ ଶନିବାର ଗୋପାଳପୁର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୁଶାନ୍ତ କୁମାର ସାହୁ ଓରଫ ଦିପୁନ। ଅପହରଣରେ ବ୍ୟବହାର ହୋଇଥିବା ବାଇକ ମଧ୍ୟ ପୋଲିସ ଜବତ କରିଛି। ଗୋପାଳପୁର ଥାନା ଅଧିନ ଏକ ଗ୍ରାମରେ ସୁଶାନ୍ତ ରହୁଥିଲେ। ଘରେ କେହି ନଥିବା ସୁଯୋଗ ନେଇ ସେହି ଗ୍ରାମର




ଜଣେ ନାବାଳିକାଙ୍କୁ ସୁଶାନ୍ତ ପ୍ରଲୋଭନ ଦେଖାଇ ବାଇକରେ ଅପହରଣ କରି ନେଇ ଚାଲିଯାଇଥିଲେ। ପରେ ପରିବାର ଲୋକ ଘରେ ନାବାଳିକାଙ୍କୁ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଗୋପାଳପୁର ଥାନାରେ ଗତ ଜୁନ ୯ରେ ଏତଲା ଦେଇଥିଲେ। ପୋଲିସ ନଂ. ୧୧୦/୨୨ରେ ଅପହରଣ ମାମଲା ରୁଜୁ କରିଛି। ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉଜାରିରଖିଥିଲା। ନାବାଳିକା ଓ ସୁଶାନ୍ତ ମିଶି ୧୦୦୮ ଓଡିଆରପି କଲୋନୀରେ ରହୁଥିବା ନେଇ ପୋଲିସ ଖବର ପାଇଥିଲା। ଶୁକ୍ରବାର ରାତିରେ ସେଠାରେ ପୋଲିସର ଏକ ଟିମ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ସୁଶାନ୍ତଙ୍କୁ ଗିରଫ କରିଥିଲେ। ପରେ ପୋଲିସ ଅପହରଣ ମାମଲାକୁ ପରିବର୍ତ୍ତନ କରି ବଳାତ୍କାର ମାମଲା ରୁଜୁ କରିଥିଲା। ଶନିବାର ସୁଶାନ୍ତ ଓ ନାବାଳିକାଙ୍କ ପୋଲିସ ଡାକ୍ତରୀ ମଇନା କରାଯାଇଥିଲା।

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ଗିରଫ


ଗିରଫ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ,୨୭।୮

ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀନୃସିଂହ ସାହିର ବାପ ତାରିଣୀ (୨୮)। ଅଭିଯୁକ୍ତଙ୍କ ନାଁରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ପୋଲିସ ତାଙ୍କଠାରୁ ଘଟଣା ବେଳେ ବ୍ୟବହୃତ ଖଣ୍ଡା ଜବତ କରିଛି। ମାମଲା ନମ୍ବର ୨୨୦/୨୨ ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, କ୍ରିଷ୍ଟାପେଟ୍ଟା ସାହିର ସିଏଚ. ରାଜେଶ ପାତ୍ରଙ୍କର ବଡ ବଜାରରେ ଏକ ରାଶନ ଦୋକାନ ରହିଛି। ଶୁକ୍ରବାର ରାତିରେ କେତେଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ତାଙ୍କ ଦୋକାନ ଭିତରେ ପଶିଥିଲେ। ରାଜେଶଙ୍କୁ ଜୀବନରେ ମାରିଦେବାକୁ କହି ଖଣ୍ଡାରେ ଆକ୍ରମଣ କରିଥିଲେ। ହେଲେ ସୌଭାଗ୍ୟବଶତଃ ରାଜେଶ ସେଠାରୁ ଖସି ପଳାଇଥିଲେ। ଦୁର୍ବୃତ୍ତମାନେ ସେଠାରୁ ଯିବା ବେଳେ ଦୋକାନରେ ବୋମା ପକାଇ ତୋତେ ଉଡାଇଦେବୁ ବୋଲି ବ୍ୟବସାୟୀଙ୍କୁ ଧମକଚମକ ଦେଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ରାଜେଶଙ୍କ ଦୋକାନରୁ ଚୋରି କରିଥିବା ଘଟଣାରେ ବାପ ତାରିଣୀ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଆସିବା ପରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବାପ ତାରିଣୀ ତାଙ୍କ ସହଯୋଗୀଙ୍କ ସହ ରାଜେଶଙ୍କୁ ଏଭଳି ଭାବେ ହତ୍ୟା ଉଦ୍ୟମ କରିଥିଲା ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

## ଚକ୍ଷୁ ଦାନ ଦିବସରେ ସଚେତନତା ରାଲି

ବ୍ରହ୍ମପୁର ଅଫିସ,୨୭।୮



ସଚେତନତା ରାଲି।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ଚକ୍ଷୁ ବିଭାଗ ପକ୍ଷରୁ ୩୭ ତମ ଚକ୍ଷୁଦାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଚକ୍ଷୁ ବିଭାଗ ପକ୍ଷରୁ ଏକ ସଚେତନତା ରାଲି ବାହାରିଥିଲା। ଏଥିରେ ଏମକେସିଜି ଡ଼ିନ ତଥା ପ୍ରିନ୍ସିପାଲ ପ୍ରଫେସର ଅବନୀକାନ୍ତ କାନ୍ତ ମିଶ୍ର ଯୋଗ ଦେଇଥିଲେ। ରାଲିରେ ଯାଉଥିବା ଡାକ୍ତରମାନେ ଚକ୍ଷୁ ଦାନର ମହାନତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଚକ୍ଷୁ ଦାନ ଏକ ମହତ ଦାନ, ଏହା କରିବା ଦ୍ୱାରା ସମାଜରୁ ଅନ୍ଧତ୍ୱ ଦୂର ହୋଇପାରିବ। ଏ ଦିଗରେ ଲୋକାମନେ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ପ୍ରିନ୍ସିପାଲ ମିଶ୍ର ଲୋକମାନଙ୍କୁ କହିଛନ୍ତି। ସେହିପରି ଏହି ରାଲିରେ ପ୍ରଫେସର ସୁଚିତ୍ରା ଦାଶ, ପ୍ରଜ୍ଞା ପଣ୍ଡା, ଡା. ସଚଳ ଭୋଇଙ୍କ ସମେତ ଚକ୍ଷୁ ବିଭାଗରେ ଅଧ୍ୟୟନରତ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଜମି ବିବାଦକୁ କେନ୍ଦ୍ରକରି ଦମ୍ପତିଙ୍କୁ ହତ୍ୟା ଉଦ୍ୟମ

### ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨୭।୮

ଜମି ବିବାଦକୁ କେନ୍ଦ୍ରକରି ଦମ୍ପତିଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ମାମଲାରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଲୋକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କୁକୁଡ଼ାଖଣ୍ଡିର ବଳରାମ ଦଳାଇ (୪୭)। ମାମଲା ନମ୍ବର ୩୮୦/୨୨ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଦମ୍ପତିଙ୍କୁ ଆକ୍ରମଣ ବେଳେ ବ୍ୟବହୃତ ହୋଇଥିବା ଲୁହା ଶାବଳକୁ ମଧ୍ୟ ଜବତ କରାଯାଇଛି ବୋଲି ପୋଲିସ କହିଛି।

ପ୍ରକାଶ ଯେ, କୁକୁଡ଼ାଖଣ୍ଡିରେ ରହୁଥିବା ବଳରାମ ଦଳାଇ ଓ ତାଙ୍କ ପଡୋଶୀ ପବିତ୍ର କୁମାର ରାଉତଙ୍କ ମଧ୍ୟରେ ଜମି ବିବାଦକୁ କେନ୍ଦ୍ରକରି ଅସନ୍ତୋଷ ଲାଗି ରହିଥିଲା। ଶୁକ୍ରବାର ପୁଣିଥରେ ଉକ୍ତ ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ରାତି ପ୍ରାୟ ୯ଟାରେ ପବିତ୍ର ଘର ପାଖରେ ଠିଆ ହୋଇଥିବା ବେଳେ ବଳରାମ ସେଠାକୁ ଯାଇ ତାଙ୍କୁ ଆକ୍ରମଣ କରିଥିଲେ। ଘର ଭିତରେ ଥିବା ପବିତ୍ରଙ୍କ ସ୍ତ୍ରୀ କୁମୁଦିନୀ ପାତ୍ର ଦାଣ୍ଡକୁ ଆସି ମୋ ସ୍ୱାମୀଙ୍କୁ କାହିଁକି ଆକ୍ରମଣ କରୁଛ ବୋଲି ପଚାରିଥିଲେ। ପରେ ବଳରାମ ତାଙ୍କ ଘରେ ଥିବା ଏକ ଶାବଳ ଆଣି ପବିତ୍ର ଓ ତାଙ୍କ ସ୍ତ୍ରୀ'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ଆହତ ଦମ୍ପତିଙ୍କୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ଅନୁସନ୍ଧାନ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

## ୧୨୦ କେଜି ଗଞ୍ଜେଇ ସହ ଦୁଇ ଗିରଫ

ବ୍ରହ୍ମପୁର ଅଫିସ,୨୭।୮

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଶନିବାର ଫାଷ୍ଟଗେଟ ଛକରୁ ୧୨୦ କେଜି ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ଉନେସ ମେହେବୁବ ଶେଖ(୪୭) ଓ ସାହିଦ ସାକିଲି (୩୨)। ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ ସଫାରୀ ଗାଡ଼ି (ନଂ ଏମ୍‌ଏଚ ୧୨ ଜିଆର -୮୯୯୦) ଜବତ ହୋଇଛି ବୋଲି ଅବକାରୀ ଗୋଇନ୍ଦା ଉପଆୟୁକ୍ତ (ଦକ୍ଷିଣାଞ୍ଚଳ) ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଗଜପତି ଜିଲା ମୋହନାରୁ ଚୋରାରେ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ମହାରାଷ୍ଟ୍ର ଚାଲାଣ କରୁଥିଲେ ବୋଲି ଜେରା ବେଳେ ଅବକାରୀ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ୨ ଜଣଙ୍କୁ ମାମଲା ନମ୍ବର ୫୭୪/୨୨-୨୩ ରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ।

ପ୍ରକାଶ ଯେ, ଅବକାରୀ ବିଭାଗ ଉପଆୟୁକ୍ତ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଫାଷ୍ଟଗେଟ ଛକରେ ଶନିବାର ଗାଡି ଯାଞ୍ଚ କରୁଥିଲା। ଫାଷ୍ଟଗେଟ ଛକ ଦେଇ ବ୍ରହ୍ମପୁର ସହରକୁ ପ୍ରବେଶ କରୁଥିବା ଏକ ଟାଟା ସଫାରୀକୁ ଅଟକାଇ ଟିମ୍ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡ଼ିଥିଲା। ଉକ୍ତ ଗାଡ଼ିରେ ୬୦ଟି ପ୍ୟାକେଟରେ ୧୨୦ କେଜି ଗଞ୍ଜେଇ ରହିଥିବା ଜଣାପଡିଥିଲା। ଅବକାରୀ ପୋଲିସ ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି କହିଛି। ଜବତ ଗଞ୍ଜେଇ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୨୦ଲକ୍ଷ ହେବ ବୋଲି ସୂଚନା ଦିଆଯାଇଛି। ଚଢ଼ାଉରେ ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ, ଏଏସ୍ଆଇ ବ୍ରଜ ବିହାରୀ ନାୟକ ଓ ରଶ୍ମିରଞ୍ଜନ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବ୍ରହ୍ମପୁର ଅଫିସ,୨୭।୮


କମିଟି ପକ୍ଷରୁ ଫାଣ୍ଡି ଅଧିକାରୀଙ୍କୁ ଶୁଭେଚ୍ଛା।

### ନିମଖଣ୍ଡି ଫାଣ୍ଡି ହେବ ଥାନା

ନିମଖଣ୍ଡି ଫାଣ୍ଡିକୁ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଥାନାରେ ପରିଣତ କରିବା ଘୋଷଣା କରିଥିବା ନେଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସହରତଳି ଅଞ୍ଚଳରେ ଭୌଗୋଳିକ ଅବସ୍ଥିତି, ପରିସୀମା ଓ ଲୋକ ସଂଖ୍ୟା ଅଭିବୃଦ୍ଧି ହେବା ପରେ ଉକ୍ତ ଅଞ୍ଚଳରେ ଚୋରି, ଡକାୟତି, ରାହାଜାନୀ, ନକଲି ସାମଗ୍ରୀ ପ୍ରସ୍ତୁତି ଓ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। କୌଣସି ଅଭିଯୋଗ ନିମନ୍ତେ ସ୍ଥାନୀୟ ଲୋକଙ୍କୁ ୧୪ କି.ମି.ଦୂରରେ ଥିବା ସଦର ଥାନା ଉପରେ ନିର୍ଭର ହେବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ନିମଖଣ୍ଡିଠାରେ ଏକ ଫାଣ୍ଡି ସ୍ଥାପନା କରାଯାଇଥିଲା। କିନ୍ତୁ ଫାଣ୍ଡି କ୍ଷମତା ଓ ଲୋକ ବଳ ସୀମିତ ଥିବାରୁ ସହରତଳି ଅଞ୍ଚଳ ବାସିନ୍ଦା ଅଭିଯୋଗ ଦାଖଲ ପାଇଁ ସଦର ଥାନାକୁ ଯିବାକୁ ପଡୁଥିଲା। ଏଣୁ ନିମଖଣ୍ଡି ଫାଣ୍ଡିକୁ ଥାନାରେ ପରିଣତ ଓ ବ୍ରଜନଗର ସ୍ଥାନାନ୍ତର କରିବା ପାଇଁ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୀର୍ଘ ୮ ବର୍ଷ ଧରି ରାଜ୍ୟ ସରକାରଙ୍କ ନିକଟରେ ଦାବିକରି ଆସୁଥିଲେ। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଫାଣ୍ଡିକୁ ଥାନାରେ ପରିଣତ ନେଇ ଘୋଷଣା କରିଛନ୍ତି। ଯାହାଦ୍ୱାରା ସହରତଳି ଅଞ୍ଚଳ ବାସିନ୍ଦା ଉପକୃତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏ ନେଇ କମିଟି ପକ୍ଷରୁ ଫାଣ୍ଡି ଅଧିକାରୀ ଜ୍ୟୋତି ରଞ୍ଜନ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ର, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଢ଼ିହାରୀ, ସହ ସମ୍ପାଦକ ବି.ଭି.ସାଗର, ସଂଯୋଜକ ସି.ଏଚ.ରାମକ୍ରିଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

